# ପ୍ରାକ୍ ରବିଋତୁ କୃଷକ ପ୍ରଶିକ୍ଷଣ

ସୁନ୍ଦରଗଡ଼, ୯।୧୨(ଇମିସ): ସୁନ୍ଦରଗଡ଼ ଜିଲ୍ଲା ବିର୍ଜାବେର୍ଣ୍ଣା ଠାରେ ଦୁଇଦିନିଆ ଏକ ପ୍ରାକ୍ ରବିଋତୁ କୃଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କୃଷି ଜଳର ସଦୁପଯୋଗ ଉପରେ ହୋଇଥିବା ଏହି ପ୍ରଶିକ୍ଷଣରେ ବିଭିନ୍ନ ଜଳ ସଂରକ୍ଷଣ ପଦ୍ଧତି କେନାଲ, ପୋଖରୀ, କୂପଜଳ ଦ୍ୱାରା ସିଞ୍ଚନ ଜଳସେଚନ ଉପଯୋଗ କରି ଗତ ବର୍ଷ ରବିଋତୁରେ ବିର୍ଜାବେର୍ଣ୍ଣାରେ ଚିନାବାଦାମ, ସୋରିଷ ଓ ପନିପରିବା ଚାଷରେ ବିଶେଷ ଲାଭ ହାସଲ କରାଯାଇଥିବା ଆଲୋଚନା ହୋଇଥିଲା।




ସେହି ପଦ୍ଧତି ଉପଯୋଗ କରି ଚଳିତ ବର୍ଷ ରବିଋତୁରେ ମଧ୍ୟ ବିଭିନ୍ନ ଫସଲ ଉତ୍ପାଦନ କରିବାକୁ କୃଷକମାନଙ୍କୁ ଉତ୍ସାହିତ କରାଯାଇଥିଲା। ଭାରତୀୟ ଅନୁସଂଧାନ ପରିଷଦ ଅନ୍ତର୍ଗତ ଭୁବନେଶ୍ୱର ସ୍ଥିତ ଭାରତୀୟ ଜଳ ପ୍ରବନ୍ଧନ ଅନୁଷ୍ଠାନ ତରଫରୁ ଅନୁସୂଚୀତ ଉପ ଜନଜାତି ପରିଯୋଜନା ପ୍ରକଳ୍ପ ମାଧ୍ୟମରେ ପ୍ରଶିକ୍ଷଣର ପରିଚାଳନା କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ କିରେଇ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ପ୍ରଭାରୀ ଓ ଅନ୍ୟ ବୈଜ୍ଞାନିକମାନେ ଯୋଗ ଦେଇ ଚାଷୀମାନଙ୍କୁ ବିଭିନ୍ନ ଉପାଦେୟ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ବୈଜ୍ଞାନିକ ରାନୁରାଣୀ ସେଠୀ, ଡ. ରାଜୀବ କୁମାର ମହାନ୍ତି, ଡ. ରବୀନ୍ଦ୍ର କୁମାର ପଣ୍ଡା ପରିଚାଳନା କରିଥିବା ବେଳେ ବିର୍ଜାବେର୍ଣ୍ଣା ସହିତ ନିକଟସ୍ଥ ମହୁଲଯୋର, କିଞ୍ଜିରମାଲର ୨୫ ଜଣ ଚାଷୀ ଅଂଶଗ୍ରହଣ କରିଥିଲେ।